## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀ , କେନ୍ଦ୍ରାପଡ଼ା

### ବିଜ୍ଞାପନ ନଂ ୬୮୧୮ ତାରିଖ ୨୧/୧୨/୧୮

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀ , କେନ୍ଦ୍ରାପଡ଼ାଙ୍କ ଅଧୀନରେ ୩୩ ଗୋଟି ଖାଲି ଥିବା ପରିଚାରକ /ପରିଚାରିକା (Attendant ) ପଦବୀ ଚୁକ୍ତିଭିତ୍ତିକ ସିଧା ସଳଖ ନିଯୁକ୍ତି ପଦ୍ଧତିରେ ପୂରଣ କରିବା ପାଇଁ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାଇ ଜାତିଗତ ସଂରକ୍ଷଣ ଭିତିକ ପଦବୀ ପୂରଣ ନିମିତ୍ତ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ବର୍ଗ | ମୋଟ ପଦବୀ | ମହିଳା |
|---|---|---|---|
| ୧ | ଅନୁସୂଚିତ ଜନଜାତି (ST ) | ୦୮ | ୦୩ |
| ୨ | ଅନୁସୂଚିତ ଜାତି (SC ) | ୦୫ | ୦୨ |
| ୩ | ସାଧରଣ ବର୍ଗ (UR) | ୨୦ | ୦୬ |
| ୪ | ମୋଟ | ୩୩ | ୧୧ |

ଏତଦ ବ୍ୟତୀତ ଭିନ୍ନକ୍ଷମ (PWD ) ପ୍ରାର୍ଥୀ / ପ୍ରାର୍ଥୀନୀ ନିମନ୍ତେ ୪ %, ଅବସର ପ୍ରାପ୍ତ ସେନା କର୍ମଚାରୀଙ୍କ ପାଇଁ ୩ % ଓ କ୍ରୀଡାକ୍ଷେତ୍ରରେ ଦକ୍ଷତା ଥିବା ପ୍ରାର୍ଥୀ/ ପ୍ରାର୍ଥୀନୀମାନଙ୍କ ପାଇଁ ୧ % ସ୍ଥାନ ସଂରକ୍ଷିତ ରହିବ । ପ୍ରକାଶ ଥାଉକି କୌଣସି ବର୍ଗର ମହିଳା ପ୍ରାର୍ଥୀନୀ ନ ମିଳିଲେ ସେହି ବର୍ଗର ପୁରୁଷ ପ୍ରାର୍ଥୀଙ୍କ ଦ୍ୱାରା ଉକ୍ତ ପଦବୀ ପୂରଣ କରାଯିବ ।

ଇଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ / ପ୍ରାର୍ଥୀନୀ ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀ , କେନ୍ଦ୍ରାପଡ଼ାଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ । ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା**:- ୧ (କ ) ପ୍ରାର୍ଥୀ / ପ୍ରାର୍ଥୀନୀ ଓଡ଼ିଶା ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ / ବିଦ୍ୟାଳୟରୁ ମଧ୍ୟ ଇଂରାଜି କିମ୍ବା ତତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ ହୋଇ ଥିବା ଆବଶ୍ୟକ ।

( ଖ ) ଏହା ସହିତ ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ ( NPCBB) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷର କାର୍ଯ୍ୟ ଦକ୍ଷତା ଆବଶ୍ୟକ । ପ୍ରକାଶ ଥାଉକି ଉକ୍ତ ଯୋଗ୍ୟତା ଏବଂ ଅଭିଜ୍ଞତା ଥିବା ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥୀନୀ ଉକ୍ତ ଚୟନ ପ୍ରକିୟାରେ ଅଂଶ ଗ୍ରହଣ କରିପାରିବେ ।

୨ . ପ୍ରାର୍ଥୀ / ପ୍ରାର୍ଥୀନୀ ଓଡ଼ିଆ କହିବା, ଲେଖିବା ଓ ପଢିବା ଜାଣିଥିବା ଆବଶ୍ୟକ ।

୩ . ପ୍ରାର୍ଥୀ / ପ୍ରାର୍ଥୀନୀ ଉତ୍ତମ ଚରିତ୍ରର ହୋଇ ଥିବେ ।

**ବୟସ ସୀମା -** ସାଧାରଣ ବର୍ଗ ପ୍ରାର୍ଥୀ / ପ୍ରାର୍ଥୀନୀ ୧୮ବର୍ଷରୁ ୩୨ ବର୍ଷ ( ୦୧ .୦୧ .୨୦୧୮ ସୁଦ୍ଧା ) ହୋଇଥିବା ଆବଶ୍ୟକ ।

ତଫସିଲ ଭୁକ୍ତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗର ପ୍ରାଥୀ/ ପ୍ରାର୍ଥୀନୀଙ୍କ କ୍ଷେତ୍ରରେ ବୟସ ସୀମା ଅଧିକ ୫ (ବର୍ଷ ) କୋହଳ କରାଯିବ ।

ଗୋମିତ୍ର ପ୍ରାର୍ଥୀ / ପ୍ରାର୍ଥୀନୀମାନଙ୍କ କ୍ଷେତ୍ରରେ ବୟସ ୦୧ . ୦୧ .୨୦୧୮ ସୁଦ୍ଧା ୪୫ ବର୍ଷ ରୁ ଅଧିକ ହୋଇ ନ ଥିବା ଆବଶ୍ୟକ ।

**ଶାରୀରିକ ଦକ୍ଷତା-** ପ୍ରାର୍ଥୀ / ପ୍ରାର୍ଥୀନୀ ଉତ୍ତମ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସମ୍ପନ୍ନ ହୋଇ ଥିବା ସହ ତାଙ୍କର କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କଲା ଭଳି ଶାରୀରିକ ତ୍ରୁଟି ନ ଥିବ । ପ୍ରାର୍ଥୀ /ପ୍ରାର୍ଥୀନୀ ସର୍ବ ନିମ୍ନ ଉଚ୍ଚତା ୫ ଫୁଟ ଏବଂ ଛାତି ଅଣସମ୍ପ୍ରସରିତ ୩୦ ଇଂଚ (କେବେ ପୁରୁଷ କ୍ଷେତ୍ରରେ )ରହିବା ସଂଗେ ସଂଗେ ସେମାନଙ୍କ କୌଣସି ଶାରୀରିକ ତ୍ରୁଟି କିମ୍ବା ମାନସିକ ଅକ୍ଷମତା ନଥିବ । (୨ ) ପ୍ରାର୍ଥୀ / ପ୍ରାର୍ଥୀନୀ ମଧ୍ୟ ସାଇକେଲ ଚଳାଇବା ଜାଣିଥିବା ଆବଶ୍ୟକ ।

**ସାଧାରଣ ଯୋଗ୍ୟତା-** ୧ ) ପ୍ରାର୍ଥୀ /ପ୍ରାର୍ଥୀନୀ ଭାରତୀୟ ନାଗରିକ ହୋଇଥିବେ ଓ କେନ୍ଦ୍ରାପଡା ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ । ପ୍ରାର୍ଥୀ /ପ୍ରାର୍ଥୀନୀ ସେମାନଙ୍କର ନାମ ଆବେଦନ କରୁଥିବା ଜିଲ୍ଲାର କର୍ମ ନିୟୋଜନ ସଂସ୍ଥା ରେ ନାମ ପଞ୍ଜିକରଣ କରି ଥିବେ ।

(୨ ) ବିବାହିତ ପ୍ରାର୍ଥୀ / ପ୍ରାର୍ଥୀନୀଙ୍କର ଗୋଟିଏ ସ୍ତ୍ରୀ / ସ୍ୱାମୀରୁ ଅଧିକ ନ ଥିବେ ।

**ଚୟନ ପ୍ରକ୍ରିୟା :-** ଜିଲ୍ଲା ଚୟନ କମିଟି ଦ୍ୱାରା ନିମ୍ନଲିଖିତ ଉପାୟରେ **ପରିଚାରକ ପଦ** ପାଇଁ ସିଧା ସଳଖ ଚୟନ କରାଯିବ ।

(କ) ଚୟନ ପ୍ରଣାଳୀରେ ମୋଟ ୧୦୦ ନମ୍ବର ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବାଧିକ ୫୦ ନମ୍ବର ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ (NPCBB) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ପ୍ରୟୋଗ କ୍ଷେତ୍ରରେ କ୍ରମାଗତ ୩ ( ତିନି )ବର୍ଷର ସନ୍ତୋଷଜନକ ଦକ୍ଷତା ଥିବା ପ୍ରାର୍ଥୀ /ପ୍ରାର୍ଥୀନୀ ପ୍ରତି ବର୍ଷ ୧୦ ମାର୍କ ହିସାବରେ ୩୦ ମାର୍କ ଦିଆଯିବ । ଏହା ବ୍ୟତୀତ ୩ ବର୍ଷ ରୁ ଉର୍ଦ୍ଧ ପ୍ରତ୍ୟେକ ବର୍ଷ କାର୍ଯ୍ୟ ଉପରେ ୫ ମାର୍କ ଲେଖାଏ ସର୍ବୋଚ୍ଚ ୫୦ ମାର୍କ ଦିଆଯିବ ।

( ଖ ) ଅବଶିଷ୍ଟ ୫୦ ମାର୍କର ଲିଖିତ ପରୀକ୍ଷା ଦ୍ୱାରା ପ୍ରାର୍ଥୀ / ପ୍ରାର୍ଥୀନୀଙ୍କ ଓଡ଼ିଆ ଭାଷାରେ ପଢିବା ଓ ଲେଖିବାରେ ସାମର୍ଥ୍ୟ ପରୀକ୍ଷା କରାଯିବ ।

ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାଇ ଆବେଦନ ପତ୍ର ଏବଂ ଆବଶ୍ୟକୟ ପ୍ରମାଣପତ୍ର ର ଅବିକଳ ନକଲ ସହ **ଜିଲ୍ଲା ମୁଖ୍ୟ** ପ୍ରାଣୀ ଚିକତ୍ସା ଅଧିକାରୀ , କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ଡାକ / ସ୍ପିଡ଼ ପୋଷ୍ଟ କିମ୍ବା ବ୍ୟକିଗତ ଭାବେ କାର୍ଯ୍ୟାଳୟରେ ମଧ ଦାଖଲ କରି ପ୍ରାପ୍ତି ସ୍ୱୀକାର ରସିଦ ନେଇ ପାରିବେ । ଦାଖଲ ପଠାଇବା ଲଫାପା ଉପରେ " ପରିଚାରକ ପଦ ପାଇଁ ଦରଖାସ୍ତ " ଉଲ୍ଲେଖ କରିବେ ।

ପ୍ରକାଶଥାଉକି କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

## ଦରଖାସ୍ତ ଫର୍ମ

(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୁରଣ ହେବ )

ଫଟୋ

୧. ପ୍ରାର୍ଥୀ / ପ୍ରାର୍ଥୀନୀଙ୍କ ନାମ :-

୨.ପିତା/ ସ୍ୱାମୀଙ୍କ ନାମ :-

୩. ସ୍ଥାୟୀ ଠିକଣା ; ଗ୍ରାମ: ପୋଷ୍ଟ: ଭାୟା: ଜିଲ୍ଲା: ପିନ: ଯୋଗାଯୋଗ ନଂ:-

୪. ଯୋଗାଯୋଗ ଠିକଣା ; ଗ୍ରାମ ପୋଷ୍ଟ: ଭାୟା: ଜିଲ୍ଲା: ପିନ: ଯୋଗାଯୋଗ ନଂ:-

୫. ଜାତୀୟତା:-

୬. ଜନ୍ମ ତାରିଖ :-

୭. ଶିକ୍ଷାଗତ ଯୋଗ୍ୟତା :-

୮. ଉଚ୍ଚତା:- ୯ :ଛାତି ଅଣସମ୍ପ୍ରାସରିତ (ଇଞ୍ଚରେ) :-

୧୦. ଜାତି :-

୧୧ ବିବାହିତ /ଅବିବାହିତ:-

୧୨. ପୁରୁଷ /ସ୍ତ୍ରୀ :-

୧୩. କର୍ମ ନିୟୋଜନ ସଂସ୍ଥାରେ ପଂଜିକୃତ କରିଥିବା କ୍ରମିକ ନଂ ଓ ତାରିଖ :-

ମୁଁ ଏତଦ ଦ୍ୱାରା ଘୋଷଣା କରୁ ଅଛି କି ଉପରୋକ୍ତ ପ୍ରଦତ୍ତ ସମସ୍ତ ତଥ୍ୟ ମୋ ଜ୍ଞାତ ସାରରେ ନିର୍ଭୁଲ ଓ ସତ୍ୟ ଅଟେ ।

ତାରିଖ ଆବେଦନକାରୀଙ୍କ ସ୍ୱାକ୍ଷର

ଆବେଦନପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର

୧. ନିଜର ଦୁଇଗୋଟି ଆଟେଷ୍ଟେଡ କିମ୍ବା ନିଜସ୍ୱ ଦସ୍ତଖତ ହୋଇଥିବା ପାସପୋଟ ସାଇଜ ଫଟୋ ଗ୍ରାଫ ତନ୍ମଧ୍ୟରୁ ଏକ ଗୋଟି ଫଟୋ ଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଧିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ନିଜସ୍ୱ ଦ୍ୱାରା ପ୍ରମାଣିତ ନକଲ ଆବଶ୍ୟକ ।

୩. ପ୍ରାର୍ଥୀ / ପ୍ରାର୍ଥୀନୀଙ୍କର ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ (NPCBB) ତାଲିମିର ପ୍ରମାଣ ପତ୍ରର ନିଜସ୍ୱ ଦ୍ୱାରା ପ୍ରମାଣିତ ନକଲ ଆବଶ୍ୟକ ।

୪. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କଠାରୁ ଚରିତ୍ର ପ୍ରମାଣ ପତ୍ରର ନିଜସ୍ୱ ଦ୍ୱାରା ପ୍ରମାଣିତ ନକଲ ହୋଇଥିବା ଆବଶ୍ୟକ ।

୫. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ରର ନିଜସ୍ୱ ଦ୍ୱାରା ପ୍ରମାଣିତ ନକଲ ହୋଇଥିବା ଆବଶ୍ୟକ ।

୬. ଜାତିଗତ ପ୍ରମାଣ ପତ୍ରର ଅବିକଳ ନକଲ ନିଜ ସ୍ୱାକ୍ଷର ଆବଶ୍ୟକ ।

୭. ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କଠାରୁ ଆବଶ୍ୟକ । ଯେ କି ପ୍ରାର୍ଥୀ /ପ୍ରାର୍ଥୀନିଙ୍କ ସମ୍ପର୍କୀୟ ହୋଇ ନ ଥିବେ ।

୮. ପ୍ରାର୍ଥୀ / ପ୍ରାର୍ଥୀନୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀ / ପ୍ରାଧୀକୃତ ଅଧିକାରୀଙ୍କ ଠାରୁ ହାସଲ କରିଥିବା (NPCBB) କୃତିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷ ଓ ତତୁର୍ଦ୍ଧ କାର୍ଯ୍ୟକୁଶଳତାର ଅଭିଜ୍ଞତା ର ପ୍ରମାଣ ପତ୍ରର ନିଜସ୍ୱ ଦ୍ୱାରା ପ୍ରମାଣିତ ନକଲ ଆବଶ୍ୟକ ।

୯.ଭିନ୍ନକ୍ଷମ (PWD ) ପ୍ରାର୍ଥୀ / ପ୍ରାର୍ଥୀନୀ ଭିନ୍ନକ୍ଷମର ପ୍ରମାଣ ପତ୍ର ପ୍ରାଧୀକୃତ କତୃପକ୍ଷଙ୍କ ଦ୍ୱାରା ସ୍ୱାକ୍ଷରିତ ର ନିଜସ୍ୱ ଦ୍ୱାରା ପ୍ରମାଣିତ ନକଲ ସଂଲଗ୍ନ କରିବେ । ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ **୧୦.୦୧.୨୦୧୯.(୫ ଘଂଟିକା)**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଁଚିଲେ ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ / ପ୍ରାର୍ଥୀନୀ ଡାକ ଦ୍ୱାରା ପଠାଇ ଥିବା ଦରଖାସ୍ତ ବିଳମ୍ବରେ ପହଁଚିଲେ କତୃପକ୍ଷ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ / ଆବଶ୍ୟକ ପ୍ରମାଣପତ୍ର ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

ସ୍ୱା/- ଡଃ ପ୍ରେମାନନ୍ଦ ରାଉତ (ଭାରପ୍ରାପ୍ତ)

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକତ୍ସା ଅଧିକାରୀ , କେନ୍ଦ୍ରାପଡ଼ା